ପାଠ - ୯

# ଆସ ମିଶାଣ ଶିଖିବା

ପୋଖରୀରେ ମାଛ ଓ ବେଙ୍ଗଙ୍କର ଲାଗିଲା ଲଢ଼େଇ । କେହି କାହାରିକୁ ଛାଡ଼ିବାକୁ ନାହିଁ । ଯାହାର ସଂଖ୍ୟା ଅଧିକ, ସେମାନେ ପୋଖରୀର ମାଲିକ ହେବେ । ସମସ୍ତେ ସମସ୍ତଙ୍କ ଜିଦ୍‌ରେ ଅଟଳ । ମାଛମାନେ କହିଲେ, ଆମ ସଂଖ୍ୟା ଅଧିକ । ବେଙ୍ଗମାନେ କହିଲେ, ଆମ ସଂଖ୍ୟା ଅଧିକ ।

ଶେଷରେ ସେମାନେ ବୁଢ଼ା କଇଁଛ ପାଖକୁ ଗଲେ । କଇଁଛବୁଢ଼ା ପ୍ରଥମେ ମାଛମାନଙ୍କୁ ଗୋଟି ଗୋଟି କରି ଗଣିଲା । ବଡ଼ ମାଛ ୨୬୩ଟି, ଛୋଟ ମାଛ ୩୨୮ଟି । ବଡ଼ ବେଙ୍ଗ ୨୩୮ଟି, ଛୋଟ ବେଙ୍ଗ ୩୫୪ଟି ।

କାହାର ସଂଖ୍ୟା ଅଧିକ ହେବ ? ମାଛମାନଙ୍କର ନା ବେଙ୍ଗମାନଙ୍କର ?

ଆସ, ମୋଟ ମାଛ ସଂଖ୍ୟା ବାହାର କରିବା -

$$\begin{array}{r} ୨୬୩ \\ +\ ୩୨୮ \\ \hline \end{array}$$



ପ୍ରଥମେ ଏକକ ଘରୁ ମିଶାଣ ଆରମ୍ଭ କରାଯିବ ।
୩ ଏକ + ୮ ଏକ = ୧୧ ଏକ
୧୧ ଏକ = ୧ ଦଶ ଓ ୧ ଏକ
ମିଶାଣ ଫଳର ଏକକ ସ୍ଥାନରେ ୧ ଲେଖାଯିବ ।

**ଦଶକ ଘର ଅଙ୍କମାନଙ୍କର ଯୋଗ**

ଏକକ ଘର ଯୋଗଫଳରୁ ଆସିଥିବା ୧ ଦଶ ଏଠି ମିଶିବ ।
୬ ଦଶ + ୨ ଦଶ + ୧ ଦଶ = ୯ ଦଶ
ମିଶାଣ ଫଳରେ ଦଶକ ସ୍ଥାନରେ ୯ ରହିବ ।

| | ଶତକ | ଦଶକ | ଏକକ |
|---|---|---|---|
| | | (୧) | |
| | ୨ | ୬ | ୩ |
| + | ୩ | ୨ | ୮ |
| | ୫ | ୯ | ୧ |

**ଶତକ ଘର ଅଙ୍କମାନଙ୍କର ଯୋଗ**

୨ ଶହ + ୩ ଶହ = ୫ ଶହ
ମିଶାଣ ଫଳର ଶତକ ସ୍ଥାନରେ ୫ ରହିବ ।

| | | | | |
|---|---|---|---|---|
| ମୋଟ ହେଲା - | ୫ ଶତ + ୯ ଦଶ + ୧ ଏକ | | | ୨୬୩ |
| = | ୫୦୦ + ୯୦ + ୧ | | + | <u>୩୨୮</u> |
| = | ୫୯୧ | ମୋଟ ମାଛ = | | ୫୯୧ |

ସେହିପରି, ମୋଟ ବେଙ୍ଗ ସଂଖ୍ୟା ନିର୍ଣ୍ଣୟ କର ।

    ୨୩୮<br>
\+ <u>୩୫୪</u>

ମୋଟ ବେଙ୍ଗ =

ଏବେ କହ, କେଉଁମାନେ ହେବେ ପୋଖରୀର ମାଲିକ ?

- ବିଦ୍ୟାଳୟ ବଗିଚାରେ ଫୁଲଗଛ ଲଗାଯିବାକୁ ସ୍ଥିର ହେଲା । ପ୍ରଥମ ଶ୍ରେଣୀ ପିଲାମାନେ ୧୭୩ଟି ଫୁଲଗଛ, ଦ୍ୱିତୀୟ ଶ୍ରେଣୀ ପିଲାମାନେ ୧୫୪ଟି ଫୁଲଗଛ ଓ ତୃତୀୟ ଶ୍ରେଣୀ ପିଲାମାନେ ୨୦୯ଟି ଫୁଲଗଛ ଲଗାଇଲେ । ମୋଟ କେତୋଟି ଫୁଲଗଛ ଲଗାଗଲା ?

| | | |
|---|---|---|
| ପ୍ରଥମ ଶ୍ରେଣୀ ପିଲା ଲଗାଇଲେ ୧୭୩ଟି ଗଛ | | ୧୭୩ |
| ଦ୍ୱିତୀୟ ଶ୍ରେଣୀ ପିଲା ଲଗାଇଲେ ୧୫୪ଟି ଗଛ | + | ୧୫୪ |
| ତୃତୀୟ ଶ୍ରେଣୀ ପିଲା ଲଗାଇଲେ ୨୦୯ ଟି ଗଛ | + | ୨୦୯ |
| | | ______ |

ମୋଟ ଫୁଲଗଛ ସଂଖ୍ୟା = ୧୭୩ + ୧୫୪ + ୨୦୯ = ______


- ଜଣେ କୃଷକ ତାଙ୍କ ବଗିଚାରୁ ଟ୍ରଲିରେ ନଡ଼ିଆ ଘରକୁ ବୁହାଇଲେ । ପ୍ରଥମ ଥର ୩୦୦ଟି, ଦ୍ୱିତୀୟ ଥର ୩୨୫ଟି ଓ ତୃତୀୟ ଥର ୨୮୫ଟି ବୁହାଇଥିଲେ । ମୋଟରେ ତାଙ୍କ ବଗିଚାରୁ କେତେ ନଡ଼ିଆ ଘରକୁ ଆସିଲା ?

| | | | | | |
|---|---|---|---|---|---|
| ପ୍ରଥମ ଥର ବୁହାଇଲେ | ______ ଟି | | ☐ | ☐ | ☐ |
| ଦ୍ୱିତୀୟ ଥର ବୁହାଇଲେ | ______ ଟି | + | ☐ | ☐ | ☐ |
| ତୃତୀୟ ଥର ବୁହାଇଲେ | ______ ଟି | + | ☐ | ☐ | ☐ |


ମୋଟ ନଡ଼ିଆ ସଂଖ୍ୟା = ______ + ______ + ______ = ☐

# ଅଭ୍ୟାସ

୧. ଚିତ୍ର ଦେଖି କହ ଓ ଲେଖ ।





୨. ତଳେ ଥିବା ଖାଲି ଘରଗୁଡ଼ିକୁ ପୂରଣ କର ।




୩. ତଳକୁ ତଳ, କୋଣକୁ କୋଣ ଥିବା ସଂଖ୍ୟାଗୁଡ଼ିକୁ ଯୋଗ କର । କ'ଣ ପାଇଲ କହ ।

| | | |
|---|---|---|
| ୧୬୭ | ୧୬୦ | ୧୬୫ |
| ୧୬୨ | ୧୬୪ | ୧୬୬ |
| ୧୬୩ | ୧୬୮ | ୧୬୧ |

୪. ତଳେ ୫ଟି ଗାଈ ଓ ୫ଟି ବାଛୁରୀ ଚିତ୍ର ଦିଆଯାଇଛି । ସଂଖ୍ୟା ମେଳକ ହେଉଥିବା କେଉଁ ବାଛୁରୀ କେଉଁ ଗାଈ ପାଖକୁ ଯିବ ଗାର ଟାଣି ସୂଚାଅ ।




୫.

| | | |
|---|---|---|
| ୧ | ୨ | ୩ |
| ୬ | ୮ | ୦ |
| ୨ | ୪ | ୫ |

ଏହି ଟେବୁଲରେ ଲାଗି ଲାଗି ଥିବା ଯେ କୌଣସି ତିନୋଟି ଘରର ଅଙ୍କକୁ ନେଇ ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ଗଢ଼ । (ଯେତୋଟି ସମ୍ଭବ) । ଯେଉଁ ସଂଖ୍ୟାଗୁଡ଼ିକ ପାଇଲ ସେଥିରୁ ତିନୋଟି ଲେଖାଏଁ ଯୋଗ କର । ଦେଖ, କିଏ ଏହିପରି ବେଶି ଯୋଗ କରି ପାରୁଛି ।

୬. ସମାଧାନ କର ।

| | |
|---|---|
| (କ) ପ୍ରଥମ ଝୁଡ଼ିରେ ୨୮୬ଟି ଭେଣ୍ଡି ଓ ଦ୍ୱିତୀୟ ଝୁଡ଼ିରେ ୧୩୭ଟି ଭେଣ୍ଡି ଅଛି । ଏବେ କହ, ଦୁଇଟିଯାକ ଝୁଡ଼ିରେ ମୋଟ କେତେ ଭେଣ୍ଡି ଅଛି ? | ୨୮୬<br>+ ୧୩୭<br>୪୨୩ ଟି ଭେଣ୍ଡି ଅଛି । |
| (ଖ) ଗୁଟୁର ବିଲରେ ୨୧୫ଟି ମକାଗଛ ଓ ୨୨୮ଟି ବାଜରା ଗଛ ଅଛି । ସେହି ବିଲରେ ମୋଟ କେତେ ଗଛ ଅଛି ? | |
| (ଗ) ଗୋଟିଏ ବିଦ୍ୟାଳୟରେ ୨୩୪ ଜଣ ବାଳକ ଓ ୧୮୫ ଜଣ ବାଳିକା ଅଛନ୍ତି । ତେବେ, ସେ ବିଦ୍ୟାଳୟରେ ମୋଟ କେତେ ପିଲା ଅଛନ୍ତି ? | |
| (ଘ) ପଡ଼ିଆରେ ୧୨୩ ଟି ଗାଈ, ୩୨୬ଟି ଛେଳି ଓ ୨୭୯ଟି ମଇଁଷି ଚରୁଛନ୍ତି । ତେବେ, ପଡ଼ିଆରେ ମୋଟ କେତେ ପଶୁ ଚରୁଛନ୍ତି ? | |

| | |
|---|---|
| (ଙ) ରାଜୁ ଗୋଟିଏ ଦିନରେ ୨ ୧ ୬ଟି ଇଟା ତିଆରି କଲା ଓ ମଧୁ ୨ ୮ ୪ଟି ଇଟା ତିଆରି କଲା । ଦୁଇଜଣ ମିଶି ଗୋଟିଏ ଦିନରେ କେତେ ଇଟା ତିଆରି କଲେ ? | |
| (ଚ) କବିତା ପାଖରେ ୪ ୨ ୫ ଟଙ୍କା, ମିକି ପାଖରେ ୨ ୩୮ ଟଙ୍କା ଓ ଲୁଟୁ ପାଖରେ ୧ ୪ ୭ ଟଙ୍କା ଅଛି । ଏହି ତିନି ଜଣଙ୍କ ପାଖରେ ମୋଟ କେତେ ଟଙ୍କା ଅଛି ? | |
| (ଛ)ଗୋଟିଏ ଗ୍ରାମରେ ୨ ୨୮ ଜଣ ପୁରୁଷ, ୨୩୭ ଜଣ ସ୍ତ୍ରୀ ଓ ୨ ୫ ୪ ଜଣ ବାଳକ ବାଳିକା ଅଛନ୍ତି । ତେବେ, ସେ ଗ୍ରାମର ଲୋକସଂଖ୍ୟା କେତେ ? | |

**୭. ଆସ, ଅନୁମାନ କରି ଯୋଗଫଳ କରିବା :**

**୪୩ ଓ ୨ ୧ କୁ ମିଶାଇଲେ ମିଶାଣ ଫଳ ୫ ୦ ରୁ ବେଶୀ ହେବ ନା ୫ ୦ ରୁ କମ୍ ହେବ ?**

ଆମେ ଅନୁମାନ କରିବା ସମୟରେ ସଂଖ୍ୟା ଦୁଇଟିର ଏକକ ଘର ଅଙ୍କକୁ ବାଦ୍ ଦେଇ ସଂଖ୍ୟା ଦୁଇଟିକୁ ମିଶାଇଲେ ପାଇବା = ୪ ୦ + ୨ ୦ = ୬୦

ଏଣୁ ୪୩ ଓ ୨ ୧ ର ମିଶାଣ ଫଳ ୫ ୦ ରୁ ବେଶୀ ।

ସେହିପରି କହ :-

(କ) ୬୨ + ୩୩ ର ଯୋଗଫଳ ୮ ୦ ରୁ ବେଶୀ ନା ୮ ୦ ରୁ କମ୍ ହେବ ?

(ଖ) ୫ ୫ + ୨ ୪ = ୮ ୦ ରୁ ବେଶୀ ନା ୮ ୦ ରୁ କମ୍ ?

୮. ତଳେ ଦିଆ ଯାଇଥିବା ସଂଖ୍ୟା ଦୁଇଟିର ମିଶାଣ ଫଳ ଅନୁମାନ କର ଓ ଡାହାଣ ପାଖରେ ଥିବା ଉତ୍ତର ମଧ୍ୟରୁ ଠିକ୍ ଉତ୍ତରକୁ ଗାର ଦେଇ ଚିହ୍ନିତ କର ।

| ସଂଖ୍ୟା ଦୁଇଟି | ଯୋଗଫଳ |
|---|---|
| (କ) ୧୪ + ୨୩ | • ୩୦ ରୁ ବେଶୀ |
| | • ୩୦ ରୁ କମ୍ |
| | • ୩୦ ସହିତ ସମାନ |
| (ଖ) ୪୯ + ୨୦ | • ୭୦ ରୁ ବେଶୀ |
| | • ୭୦ ରୁ କମ୍ |
| | • ୭୦ ସହିତ ସମାନ |
| (ଗ) ୩୧ + ୫୧ | • ୮୦ ରୁ କମ୍ |
| | • ୮୦ ରୁ ବେଶୀ |
| | • ୮୦ ସହିତ ସମାନ |
| (ଘ) ୬୨ + ୨୫ | • ୭୦ ରୁ ବେଶୀ |
| | • ୭୦ ରୁ କମ୍ |
| | • ୭୦ ସହିତ ସମାନ |

୯. **ମନେ ମନେ ହିସାବ କର ଓ କହ –**

(କ) ଅର୍ପିତା ୮ଟି ଚକୋଲେଟ ଖାଇଲା । ଅର୍ପିତା ଠାରୁ ଅର୍ଚ୍ଚିତା ୫ଟି ଚକୋଲେଟ ଅଧିକା ଖାଇଲା । ତେବେ ଅର୍ଚ୍ଚିତା କେତୋଟି ଚକୋଲେଟ ଖାଇଲା ?

(ଖ) ରୁନି ୭ଟି ଫୁଲ ତୋଳିଲା । ମୁନି ୯ଟି ଫୁଲ ତୋଳିଲା । ଦୁଇଜଣଙ୍କ ଫୁଲ ନେଇ ଗୋଟିଏ ଫୁଲହାର ତିଆରି କଲେ । ସେହି ହାରରେ କେତୋଟି ଫୁଲ ରହିଲା ?

(ଗ) ରବି ପାଖରେ ୨୨ଟଙ୍କା ଥିଲା । ବାପା ତାକୁ ଆଉ ୧୨ ଟଙ୍କା ଦେଲେ । ତା' ପାଖରେ ମୋଟ କେତେ ଟଙ୍କା ହେଲା ?

(ଘ) ମିତା ଜନ୍ମ ହେବା ବେଳକୁ ଗୀତାର ବୟସ ୪ ବର୍ଷ ହୋଇଥିଲା । ମିତାକୁ ୫ ବର୍ଷ ହେଲା ବେଳକୁ ଗୀତାର ବୟସ କେତେ ହେବ ?

(ଙ) କେଉଁ ସଂଖ୍ୟାରୁ ୧୧ ବିୟୋଗ କଲେ ବିୟୋଗ ଫଳ ୨୨ ହେବ ?

(ଚ) ଦୁଇଟି ସଂଖ୍ୟାର ବିୟୋଗଫଳ ୫ । ସାନ ସଂଖ୍ୟାଟି ୧୫ ହେଲେ, ବଡ଼ ସଂଖ୍ୟାଟି କେତେ ?